

# ସତ୍ୟବାକ୍ୟ

# THE WORD OF TRUTH

**JANUARY & FEBRUARY 2018**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Jashua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-24. Jan & Feb 2018 - No-1**

*Published every two months in **Oriya** language for the Restoration of the pure New Testament Christianity*

## WISE AS A SERPENT AND HARMLESS AS A DOVE

**Text :** "Behold, I send you forth as sheep in the midst of wolves : be ye therefore wise as serpents, and harmless as doves". Matthew 10:16.

**Introduction :**

1. While Christ was in his earthly ministry he had chosen 12 men to be his disciples to carry out his purpose of spreading the good news among the people of the world.
2. Christ also gives them the power to heal the sick, raise the dead, cast out demons while they were on the first limited commission (Matt. 10.5ff).
3. When he has given them the limited commission of what they are supposed to do, Christ is telling them what to expect when they preach the gospel and proclaim the word of God.
4. This limited commission has its divine purpose for Christ. He was training His disciples for the great commission.

A. He limits them to go to lost sheep of Israel (matt. 10:6).
B. In Matt. 28G 18-20. He tells them to go into all the world and preach the gospel and teaching them to observe all things. He has commanded them to do.
C. The great commission also includes training others to do the job of preaching and teaching.

**Discussion :**

1. Christ is the shepherd the disciples are His sheep :

A. As a shepherd Christ was with them as they are preaching the gospel.

1. Christ knows that it is a dangerous world out there,
2. I am the good shepherd : the good shepherd giveth his life for the sheep (John 10:11).
3. The Psalmist said, "The Lord is my shepherd and I shall not want" (Psa. 23:1).

B. As His sheep the disciples are to hear His voice.

1. "My sheep hear my voice, and I know them, and they follow me" (John 10:27).

a. We ought to obey God rather than men (Acts 5:29).

2. "Yes, though I walk through the valley of the shadow of death, I will fear no evil : for thou art with me; thy rod and thy staff they comfort me." (Psa. 23:4).

# ସତ୍ୟବାଣୀ
# VOICE OF TRUTH

VOL - XXIV KAKINADA JAN-FEB-2018


## ମହାନ ବିଚାରଦିନ
## ( The Great Judgement Day )

ଅପରାଧି ବିଚାରକର୍ତ୍ତାଙ୍କ ସମ୍ମୁଖରେ ବିଚାରିତ ହେବା ପ୍ରତ୍ୟେକ ଦେଶର ନିୟମ । ଏ ବିଷୟରେ ପ୍ରତ୍ୟେକ ସୁପରିଚିତ । ଅପରାଧିର ଅପରାଧ ପ୍ରମାଣିତ ହେଲେ, ସେ ନିଶ୍ଚିତ ଭାବେ ଦଣ୍ଡିତ ହେବ, କିନ୍ତୁ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଏକ ବିଚାର ଯେ ସଂକଳ୍ପିତ, ଏ ବିଷୟ ପ୍ରତ୍ୟେକ ଜାଣନ୍ତି ନାହିଁ । ସେ ଶେଷ ବିଚାର ଦିନ ନିମନ୍ତେ, ଆମ୍ଭେମାନେ ପ୍ରତ୍ୟେକ ସୁପ୍ରସ୍ତୁତ ରହୁ ।

ସେଦିନ ନିମନ୍ତେ ପ୍ରସ୍ତୁତ ହେବା ନିମନ୍ତେ, ଆମ୍ଭମାନଙ୍କୁ କେତୋଟି ବିଷୟ ସ୍ପଷ୍ଟ ଭାବେ ଜାଣି ରଖିବା ଉଚିତ ।

### ୧) ଶେଷ ବିଚାରଦିନ କେବେ ଘଟିବ ?

ଶେଷ ବିଚାର ଦିନ ପୂର୍ବେ କେତୋଟି ବିଷୟ ଘଟିବ କିନ୍ତୁ କେବେ ଘଟିବ ସେ ବିଷୟରେ ବାଇବଲରେ କୁହାଯାଇ ନାହିଁ । ଉଦାହରଣ ସ୍ୱରୂପ, ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ହେବ । ସେ ପୁନଃର୍ବାର ଆସିବେ ବୋଲି ଆପଣା ଶିଷ୍ୟମାନଙ୍କୁ ପ୍ରତିଜ୍ଞା କରିଥିଲେ । (ଯୋହନ୧୪:୧-୩) । କିନ୍ତୁ କେଉଁଦିନ ସେ ବିଷୟରେ କିଛି କହିନାହାନ୍ତି । ସେ ଏକ ଚୋର ରୂପେ ଆସିବେ ବୋଲି କୁହାଯାଇଅଛି । ପ୍ରେରିତ ପିତର ଲେଖନ୍ତି, ''ପ୍ରଭୁଙ୍କ ଦିନ ଚୋର ପରି ଉପସ୍ଥିତ ହେବ । ସେହିଦିନ ଆକାଶ ମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।''

(୨ପିତର ୩:୧୦) । ତାହାଙ୍କ ଆଗମନ ସମୟରେ ଧାର୍ମିକ ଓ ଅଧାର୍ମିକ ଉଭୟ ମୃତ୍ୟୁରୁ ପୁନଃରୁତ୍ଥିତ ହେବେ । "ଏଥିରେ ଚମତ୍କୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ, ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି, ସେମାନେ ଜୀବନର ପୁନଃରୁତ୍ଥାନ ନିମନ୍ତେ ଓ ଯେଉଁମାନେ ଅସତ୍ କର୍ମ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁତ୍ଥାନ ନିମନ୍ତେ ବାହାର ହୋଇ ଆସିବେ । ଏପରି ସମୟ ଆସୁଅଛି ।" (ଯୋହନ ୫:୨୮,୨୯) । ତାହାଙ୍କ ଆଗମନ ସମରେ ଜୀବିତ ଧାର୍ମିକ ବ୍ୟକ୍ତିମାନେ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବେ ଓ ସର୍ବଦା ପ୍ରଭୁଙ୍କ ସହିତ ରହିବେ । (୧ମ ଥେସ ୪:୧୬,୧୭)

## ୨) ସେଠାରେ କେଉଁମାନେ ଥିବେ ?

ସେଠାରେ ସମସ୍ତେ ଥିବେ । ଅତୀତର, ବର୍ତ୍ତମାନ ଓ ଭବିଷ୍ୟତର ଏହି ଜଗତରେ ଜନ୍ମିଥିବା ଓ ଜନ୍ମ ହେବାକୁ ଯାଉଥିବା ପ୍ରତ୍ୟେକ ମନୁଷ୍ୟ ତାହାଙ୍କ ବିଚାର ସିଂହାସନ ସମ୍ମୁଖରେ ଉପସ୍ଥିତ ହେବେ । ପ୍ରେରିତ ପାଉଲ କହନ୍ତି, "…..ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାରସୀନ ଛାମୁରେ ଠିଆ ହେବା ।" (ରୋମୀୟ ୧୪:୧୦)

## ୩) ବିଚାରପତି କିଏ ?

ଖ୍ରୀଷ୍ଟ ନିଜେ ବିଚାର କରିବେ (ପ୍ରେରିତ ୧୪:୩୦,୩୧) । ପ୍ରେରିତ ପାଉଲ ଲେଖନ୍ତି, "କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ ।" (୨ କରିନ୍ଥୀ ୫:୧୦) ।

## ୪) ସେ କିପରି ବିଚାର କରିବେ ?

ସେ ଆମ୍ଭମାନଙ୍କ କର୍ମ, ଆମ୍ଭମାନଙ୍କ ଆଲୋଚନା, ଆମ୍ଭମାନଙ୍କ କଥାବାର୍ତ୍ତା, ଆମ୍ଭର ବ୍ୟବହାର, ଆମ୍ଭମାନଙ୍କ ଅଭିଳାଷ ସମସ୍ତ ବିଷୟରେ ଜ୍ଞାତ ଅଟନ୍ତି । ସେ ବିନା ପକ୍ଷପାତରେ ବିଚାର କରିବେ । ବିଜାତୀୟ କର୍ଣ୍ଣଲୀୟଙ୍କ ଗୃହରେ ପ୍ରେରିତ ପିତର କହିଲେ, "…..ଈଶ୍ୱର ଯେ ମୁଖାପେକ୍ଷା କରନ୍ତି ନାହିଁ….. ଏହା ମୁଁ ସତ୍ୟ ବୁଝୁଅଛି ।" (ପ୍ରେରିତ ୧୦:୩୪-୩୫) । "କାରଣ ଈଶ୍ୱରଙ୍କ ନିକଟରେ ମୁଖାପେକ୍ଷା ନାହିଁ ।" (ରୋମୀୟ ୨:୧୧)

## ୫) ବିଚାରର ପ୍ରତିଫଳ କଅଣ ହେବ ?

ଅଧାର୍ମିକମାନେ "....ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।" (ମାଥିଉ ୨୫:୪୬) । ଏହା ଶେଷ ବିଚାର । ପୁନଃର୍ବାର ସୁଯୋଗ ମିଳିବ ନାହିଁ । ଆତ୍ମାମାନେ ସ୍ୱର୍ଗରେ କିଅବା ନରକରେ ଅନନ୍ତଜୀବନ ବିତାଇବେ । (ଲୁକ ୧୬ ଅଧ୍ୟାୟ)

ପ୍ରିୟ ବନ୍ଧୁ, ଆପଣା ସମସ୍ତ କର୍ମ ବିଷୟରେ ଉତ୍ତର ଦେବାକୁ ତାହାଙ୍କ ବିଚାରସନ ସମ୍ମୁଖରେ ଠିଆ ହେବାକୁ, ଆପଣ କି ପ୍ରସ୍ତୁତ ଅଟନ୍ତି ? "....ଆସ; ମୋହର ପିତାଙ୍କ ଆଶୀର୍ବାଦ ପାତ୍ରମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ପତ୍ତନାଧିନ ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି...." ବୋଲି ଆହ୍ୱାନ ଯୋଗାଇବା ଦଳରେ ଥିବେ ନା, "....ରେ ଶାପଗ୍ରସ୍ତ ମାନେ, ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଶାସ୍ତି..."କୁ ପ୍ରେରଣ କରିବା ଦଳରେ ଥିବେ ? (ମାଥିଉ ୨୫:୩୪ ଓ ୪୧) । ଆଜିର ପ୍ରସ୍ତୁତିକରଣ ଉପରେ ଆମ୍ଭମାନଙ୍କ ଅନନ୍ତଜୀବନ ନିର୍ଭର କରେ ।

ପ୍ରେମମୟ ପିତା ଆମ୍ଭମାନଙ୍କ ପରିତ୍ରାର୍ଥେ ତାହାଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ତାହାଙ୍କ ଠାରେ ବିଶ୍ୱାସ କରି, ଆମ୍ଭମାନଙ୍କ ପାପ ବିଷୟରେ ମନ ପରିବର୍ତ୍ତନ କରି, ତାହାଙ୍କ ଠାରେ ବିଶ୍ୱାସ ସ୍ୱୀକାର କରି ବାପ୍ତିଜିତ ହେଉ । ତହିଁରେ ସେ ଆମ୍ଭମାନଙ୍କ ପାପକ୍ଷମା କରି ପରିତ୍ରାଣ ଦେବେ । (ମାର୍କ ୧୬:୧୬, ପ୍ରେରିତ ୨:୩୮) । ତାହାଙ୍କ ଆତ୍ମୀୟ ପରିବାରରେ ଯୋଗ କରିବେ । (ପ୍ରକାଶିତ ବାକ୍ୟ ୨:୧୦) । ଅନନ୍ତକାଳ ପର୍ଯ୍ୟନ୍ତ ତାହାଙ୍କ ସହ ରହିବାକୁ ସୁଯୋଗ ପାଇବୁ । ଯଦି ଆମ୍ଭେମାନେ ତାହାଙ୍କୁ ଅଗ୍ରାହ୍ୟ କରୁ, ଅମାନ୍ୟ କରୁ କିଅବା ଅବିଶ୍ୱସ୍ତ ଜୀବନଯାପନ କରୁ, ତେବେ ନିତ୍ୟଅଗ୍ନିରେ ନିକ୍ଷିପ୍ତ ହେବୁ । (ମାଥିଉ ୭:୨୧-୨୩, ମାଥିଉ ୭:୧୩,୧୪) । ଆମ୍ଭମାନଙ୍କ ଶେଷ ଦଶା ଆମ୍ଭମାନଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । ପ୍ରତ୍ୟେକ ମନୁଷ୍ୟକୁ ବିଚାରଦିନର ସମ୍ମୁଖୀନ ହେବାକୁ ହେବ । ସେଦିନ ନିମନ୍ତେ ପ୍ରସ୍ତୁତ ହେଉ ।

❋ ❋ ❋

- J.C. Choate

# ତାହାର ଗୃହର ଆତିଥ୍ୟରେ...
## (In the Hospitality of her home)

''ଆତିଥ୍ୟସତ୍କାର ନ ପାସର, ଯେଣୁ ତଦ୍ୱାରା କେହି କେହି ଅଜ୍ଞାତସାରରେ ଦୂତମାନଙ୍କୁ ଆତିଥ୍ୟ କରିଅଛନ୍ତି ।'' (ଏବ୍ରୀ ୧୩:୨) ଅତି ପୁରାତନ କାଳରୁ ଆତିଥ୍ୟ ସତ୍କାର ରୂପ ସୁଗୁଣ ମହତ୍ତ୍ୱୋନୀୟ ।

ଏକ ଦିନରେ ଅବ୍ରାହମଙ୍କ ତମ୍ବୁ ନିକଟରୁ ତିନି ପୁରୁଷ ଯାତ୍ରା କରୁଥିଲେ । ସେ ଧାଇଁ ଯାଇ ସେମାନଙ୍କୁ ଭୂମିଷ୍ଠ ପ୍ରଣାମ କରି ମିମ୍ରି ଗଛର ଛାୟାରେ ବିଶ୍ରାମ ନେବା ପାଇଁ ଅନୁରୋଧ କଲେ । ତତ୍ପରେ ସେ ଶୀଘ୍ର ତମ୍ବୁ ଗୃହକୁ ଯାଇ ସେମାନଙ୍କ ନିମନ୍ତେ ଉତ୍ତମ ମଇଦାରେ ରୋଟୀ ପ୍ରସ୍ତୁତ କରିବାକୁ କହିଲେ । ସେ ନିଜେ ଗୋଠକୁ ଶୀଘ୍ର ଯାଇ ଉତ୍ତମ କୋମଳ ଗୋବତ୍ସ ଆଣି ଦାସକୁ ଦିଅନ୍ତେ, ସେ ତାହା ଶୀଘ୍ର ରାନ୍ଧିଲା । ସେ ଦଧି, ଦୁଗ୍ଧ ଓ ପକ୍ୱ ଗୋବତ୍ସ ସେମାନଙ୍କ ନିକଟରେ ରଖିଲେ । ସେମାନେ ଭୋଜନ କରିବା ସମୟରେ ସେମାନଙ୍କ ନିକଟରେ ଛିଡ଼ା ହେଲେ । (ଆଦି ୧୮ ପର୍ବ)

ସେ ସମୟରେ ଅବ୍ରାହମ, ସଦାପ୍ରଭୁଙ୍କୁ (ଆଦି ୧୮:୧୩) ଓ ମନୁଷ୍ୟ ରୂପଧାରୀ ଦୂତମାନଙ୍କୁ (୧୯:୧) ଅତିଥି ସତ୍କାର କରିଥିଲେ । ଏବ୍ରୀ ପୁସ୍ତକ କର୍ତ୍ତା, ଅବ୍ରାହମ ଓ ସାରାଙ୍କ ସଦୃଶ୍ୟ ଆତିଥ୍ୟ ସତ୍କାର କରିବା ନିମନ୍ତେ ଖ୍ରୀଷ୍ଟିୟାନମାନଙ୍କୁ ଉତ୍ସାହିତ କରନ୍ତି ।

ପୁରାତନ ନିୟମର ଭାବବାଦୀ ଇଲିଶାୟ ଜୀବନର ଘଟଣା ୨ୟ ରାଜାବଳି ଚତୁର୍ଥ ଅଧ୍ୟାୟରେ ପଢ଼ିପାରୁ । ''ଅନନ୍ତର ଦିନକରେ ଇଲୀଶାୟ ଶୁନେମକୁ ଗଲେ, ସେଠାରେ ଏକ ଧନବତୀ ସ୍ତ୍ରୀ ଥିଲା, ଆଉ ସେ ଇଲୀଶାୟଙ୍କୁ ଅନ୍ନଭୋଜନ ନିମନ୍ତେ ବଳାଇଲା । ଏ ଉତ୍ତାରେ ଇଲୀଶାୟ ଯେତେ ଥର ସେହି ପଥ ଦେଇ ଗଲେ, ସେତେଥର ଅନ୍ନଭୋଜନ ନିମନ୍ତେ ସେଠାକୁ ଗଲେ । ଅନନ୍ତର ସେ ସ୍ତ୍ରୀ ଆପଣା ସ୍ୱାମୀକୁ କହିଲା, ଦେଖ, ମୁଁ ବୋଧ କରୁଅଛି, ଏହି ଯେ ନିତ୍ୟ ଆମ୍ଭମାନଙ୍କ ନିକଟକୁ

ଦେଇ ଯାତାୟତ କରୁଅଛନ୍ତି, ସେ ପରମେଶ୍ୱରଙ୍କ ଏକ ପବିତ୍ର ଲୋକ । ମୁଁ ବିନୟ କରୁଅଛି, ଆମ୍ଭେମାନେ ପ୍ରାଚୀର ଉପରେ ଗୋଟିଏ ସାନ କୋଠରୀ ନିର୍ମାଣ କରୁ ଓ ତହିଁରେ ତାଙ୍କ ପାଇଁ ଏକ ଖଟ ଓ ମେଜ ଓ ଆସନ ଓ ଦୀପରୂଖା ରଖୁ । ତହୁଁ ସେ ଆମ୍ଭମାନଙ୍କ ନିକଟକୁ ଆସିବା ବେଳେ ସେଠାରେ ରହିବେ ।'' (୨ ରାଜାବଳି ୪:୮-୧୦) । ତାହାଙ୍କ ଇଚ୍ଛାନୁଯାୟୀ ପ୍ରାଚୀର ଉପରେ ଏକ କୋଠରୀ ନିର୍ମିତ ହେଲା । ଇଲିଶାୟ ଓ ତାହାଙ୍କ ଦାସ ଗିହେଜ ସେ ପଥରେ ଯିବା ବେଳେ ସେହି କୋଠରୀ ବ୍ୟବହାର କରୁଥିଲେ ।

ଇଲିଶାୟଙ୍କ ଜୀବନ ଏକ ଭାବବାଦୀ ଭାବେ ସୁଖମୟ ନ ଥିଲା । ଶୁନେମୀୟ ସ୍ତ୍ରୀ ତାହାଙ୍କ ଅଭାବ ମଧ୍ୟ ପୂରଣ କରିଥିବେ । ବାଲ ପୂଜକ ଓ ଇସ୍ରାଏଲ ଶତ୍ରୁ ସିରିଆମାନଙ୍କ ଦ୍ୱାରା ତାହାଙ୍କ ଜୀବନ ଆପଦପୂର୍ଣ୍ଣ ଥିଲା । (୨ ରାଜାବଳି ୬:୧-୨୩)

ଧନବତୀ ଓ ଧାର୍ମିକ, ଆତିଥ୍ୟ ସତ୍କାର ବ୍ରତୀ ଏହି ଶୁନେମୀୟା ସ୍ତ୍ରୀଙ୍କୁ ଏକ ଦ୍ୱିତୀୟ ରାଜାବଳିର ପୁସ୍ତକ ଏକ ଗୌରବନୀୟ ସ୍ତ୍ରୀ ରୂପେ ବର୍ଣ୍ଣନା କରେ ! ଏହି ଆଦରଣୀୟ ସ୍ତ୍ରୀ, ଆମ୍ଭମାନଙ୍କ ଆଦର୍ଶ ହେଉ ।

ଏହି ଶୁନେମୀୟ ସ୍ତ୍ରୀଙ୍କ ଠାରୁ ଆଉ ଏକ ସୁଗୁଣ ଥିଲା, ଭଦ୍ର ଆଚରଣ । ତାହାଙ୍କ ଆତିଥ୍ୟ ସତ୍କାରର ପ୍ରତିଫଳେ ସେ କଅଣ ଇଚ୍ଛା କରୁଅଛନ୍ତି ବୋଲି ଇଲିଶାୟ ତାଙ୍କୁ ଆପଣା କୋଠରୀକୁ ଡାକିଲେ । ସେହି ସ୍ତ୍ରୀ କୋଠରୀ ଭିତରେ ପ୍ରବେଶ ନ କରି ଦ୍ୱାରରେ ଠିଆ ହେଲେ । 'ତେବେ ଇଲିଶାୟ କହିଲେ, ତାକୁ ଡାକ । ଏଣୁ ସେ ତାକୁ ଡାକନ୍ତେ, ସେ ଦ୍ୱାରରେ ଠିଆ ହେଲା ।'' (୨ ରାଜାବଳି ୪:୧୫) କେତେ ସଚ୍ଚରିତ୍ରା ?

ପରମେଶ୍ୱରଙ୍କ ଲୋକ ଭାବବାଦୀ ଇଲିଶାୟଙ୍କ ପ୍ରତି ତାହାଙ୍କ ଅଗାଢ଼ ବିଶ୍ୱାସ ତଦ୍‌ପରବର୍ତ୍ତୀ ଘଟଣାରୁ ସୁସ୍ପଷ୍ଟ ହୁଏ । ଭାବବାଦୀ ଇଲିଶାୟଙ୍କ ଭବିଷ୍ୟଦ୍‌ବାଣୀ ଘଟଣାରୁ ସେ ଏକ ପୁତ୍ର ପ୍ରସବ କଲେ । କାଳକ୍ରମେ ସେ ପୁତ୍ର ପୀଡ଼ିତ ହୋଇ ମୃତ୍ୟୁ ଭୋଗିଲା । ଶୁନେମୀୟା ସ୍ତ୍ରୀ କି ଦୁଃଖାକ୍ରାନ୍ତ ହୋଇ ଭାଙ୍ଗିପଡ଼ିଲେ ? ନୁହେଁ, ତାହାଙ୍କ ତ୍ୱରିତ ଭାବେ ଯାତ୍ରା କରିବାର କାରଣ ସେ ଆପଣା ସ୍ୱାମୀକୁ ମଧ୍ୟ ଜଣାଇ ନ ଥିଲେ ! (୨ ରାଜାବଳି ୪:୧୮-୨୪) । ସେ ଏକ ସୁଦୃଢ଼ ବିଶ୍ୱାସିନୀ ସ୍ତ୍ରୀ ଥିଲେ ।

ଆଜିର ଜଗତରେ ଧାର୍ମିକା ସ୍ତ୍ରୀର ଅନ୍ୟମାନଙ୍କ ଉପରେ ପ୍ରଭାବ ପ୍ରଚୁର । ଅନ୍ୟମାନେ ଆମ୍ଭମାନଙ୍କ ଠାରେ ଥିବା ଗୌରବ ନୀୟତା, ଆତିଥ୍ୟ ସତ୍କାରୀ, ଭଦ୍ର, ବିଶ୍ୱାସୀ, ନିଃସ୍ୱାର୍ଥପରତା ଦେଖି, ପରମେଶ୍ୱରଙ୍କ ନିକଟକୁ ଆକର୍ଷିତ ହେବେ ।

❋❋❋

**- Betty Burton Choate**

## ବଶୀଭୂତ ହୁଅ
### ( Be Submissive )

"ଅତଏବ, ତୁମ୍ଭେମାନେ ଈଶ୍ୱରଙ୍କର ବଶୀଭୂତ ହୁଅ, ଶୟତାନକୁ ପ୍ରତିବାଧା କର, ତାହାହେଲେ ସେ ତୁମ୍ଭମାନଙ୍କ ନିକଟରୁ ପଳାଇ ଯିବ ।" (ଯାକୁବ ୪:୭)

**ଈଶ୍ୱରଙ୍କର ବଶୀଭୂତ ହୁଅ :** ମନୁଷ୍ୟମାନେ ଗର୍ବାନ୍ଧୀ । ସେ ନିର୍ଣ୍ଣିତ କରିଥିବା ପଥ ହିଁସଠିକ୍ ପଥ ବୋଲି ମନେ କରେ । କିନ୍ତୁ ସଦାପ୍ରଭୁ ତାହାର ପ୍ରତିରୋଧ କରନ୍ତି । ମନୁଷ୍ୟ, ପରମେଶ୍ୱରଙ୍କ ସୃଷ୍ଟ । ଆମ୍ଭମାନଙ୍କ ନିମନ୍ତେ କଅଣ ଉତ୍ତମ ସେ ଜାଣନ୍ତି । ସୈନିକ ଯେପରି ଆପଣା ଉଚ୍ଚ ଅଧିକାରୀର ବଶୀଭୂତ ହୁଏ, ଆମ୍ଭେମାନେ ସେହିପରି ସୈନ୍ୟାଧିପତି ସଦାପ୍ରଭୁଙ୍କ ବଶୀଭୂତ । ତାହାଙ୍କ ଆଜ୍ଞାଧିନ ହୋଇ ପରିତ୍ରାଣ ପ୍ରାପ୍ତ ହେଉ । ତାହାଙ୍କ ଆଜ୍ଞାଧିନ ହୋଇ ତାହାଙ୍କୁ ଉପାସନା କରୁ । ତାହାଙ୍କ ଆଜ୍ଞାଧିନ ହୋଇ ଏହି ଜୀବନଯାପନ କରୁ । ବଶୀଭୂତ ହୁଅ ।

**ଶୟତାନର ପ୍ରତିବାଧା କର :** ଶୟତାନ ଏହି ଜଗତକୁ ରାଜତ୍ୱ କରେ । "ମୁଁ ତୁମ୍ଭମାନଙ୍କ ସହ ଅଧିକ କଥାବାର୍ତ୍ତା କରିବି ନାହିଁ, କାରଣ ଜଗତର ଅଧିପତି ଆସୁଅଛି, ଆଉ, ମୋ ଠାରେ ତାହାର କିଛି ହିଁ ନାହିଁ ।" (ଯୋହନ ୧୪:୩) । ଶୟତାନ ଆମ୍ଭମାନଙ୍କ ଜୀବନରେ ରାଜତ୍ୱ କଲେ, ଆମ୍ଭେମାନେ ଶରୀର ଅଭିଳାଷ ସବୁ ପୂରଣ କରିବୁ ଓ ପରମେଶ୍ୱରଙ୍କ କ୍ରୋଧର ପାତ୍ର ହେବୁ । "ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନଯାପନ କରି ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ ।" (ଏଫିସୀ ୨:୩)

ଆମ୍ଭେମାନେ ଶୟତାନ ସହ ମିତ୍ରତା କଲେ, ସେ ଆମ୍ଭମାନଙ୍କ ଜୀବନରେ ରାଜୁତି କରେ, ଆମ୍ଭେମାନେ ପରମେଶ୍ୱରଙ୍କ ଠାରୁ ଦୂରରେ ଯାଉ । ''ହେ ବ୍ୟଭିଚାରିଣୀମାନେ, ଜଗତର ମିତ୍ରତା ଈଶ୍ୱରଙ୍କର ଶତ୍ରୁତା, ଏହା କଅଣ ଜାଣ ନାହିଁ ? ଅତଏବ ଯେକେହି ଜଗତର ମିତ୍ର ହେବାକୁ ଇଚ୍ଛା କରେ, ସେ ଈଶ୍ୱରଙ୍କ ଶତ୍ରୁ ବୋଲି ପ୍ରତିପନ୍ନ କରେ ।'' (ଯାକୁବ ୪:୪) ଶୟତାନକୁ ସ୍ଥାନ ଦିଅ ନାହିଁ । ସେ ମିଥ୍ୟାବାଦୀ । ସେ ମନୁଷ୍ୟମାନଙ୍କୁ ପଥଭ୍ରଷ୍ଟ କରିବାରେ, ଠକିବାରେ ଅବିରତ ଚେଷ୍ଟା କରୁଥାଏ । ସେ ନିତ୍ୟ ଅଗ୍ନିରେ ନିକ୍ଷିପ୍ତ ହେବ ବୋଲି ଜାଣେ । ଆମ୍ଭମାନଙ୍କ ମଧ୍ୟ ତାହାର ସଙ୍ଗେ ନିତ୍ୟ ଅଗ୍ନିରେ ନିକ୍ଷିପ୍ତ ହେବା ନିମନ୍ତେ ଇଚ୍ଛା କରେ । ଆପଣ କି ସେହି ନିତ୍ୟ ଦଣ୍ଡର ସ୍ଥାନକୁ ଯିବାକୁ ଇଚ୍ଛା କରୁଅଛ ? ଯଦି ନୁହେଁ, ଶୟତାନର ପ୍ରତିରୋଧ କର ।

**''ସେ ତୁମ୍ଭ ନିକଟରୁ ପଳାଇ ଯିବ'' :** ଏହା କିପରି ସମ୍ଭବପର ? ପରମେଶ୍ୱରଙ୍କ ବଶୀଭୂତ ହୁଅ ଓ ଶୟତାନର ପ୍ରତିବାଧା କର । ଏହି ଅତି କଷ୍ଟକର ବିଷୟ ବୋଲି କି ଆପଣ ମନେ କରନ୍ତି ? ଉଦ୍ଧାର ପଥ ନାହିଁ ? ପ୍ରେରିତ ପାଉଲ କହନ୍ତି,''ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟ ପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟିବ ନାହିଁ, କିନ୍ତୁ ଈଶ୍ୱର ବିଶ୍ୱାସ, ସେ ତୁମ୍ଭମାନଙ୍କ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରିପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ । (୧ମ କରିନ୍ଥୀ ୧୦:୧୩)

ଆମ୍ଭେମାନେ ପରମେଶ୍ୱରଙ୍କର ବଶୀଭୂତ ହୋଇ, ଶୟତାନର ପ୍ରତିବାଧା କଲେ, ଭୟଭୀତ ହେବାର କୌଣସି କାରଣ ନାହିଁ । ଯେ ତୁମ୍ଭମାନଙ୍କୁ ସ୍ଖଳନରୁ ରକ୍ଷା କରିବାକୁ ପୁଣି ଆପଣା ଗୌରବ ସମ୍ମୁଖରେ ମହାନନ୍ଦରେ ନିର୍ଦ୍ଦୋଷ ରୂପେ ଉପସ୍ଥିତ କରିବାକୁ ସକ୍ଷମ, ଯେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଏକମାତ୍ର ଈଶ୍ୱର ଗୌରବ, ପ୍ରତାପ, ପରାକ୍ରମ ଓ କର୍ତ୍ତାଗଣ ଅନାଦିକାଳ ଓ ଯୁଗେ ଯୁଗେ ତାହାଙ୍କର । ଆମେନ୍ ! (ଯିହୂଦା ୨୪ ପଦ)

❋ ❋ ❋

**- Loy Mitchell**

# ଶ୍ରେଷ୍ଠ ଶିକ୍ଷକ

## ( The Greatest Teacher )

ଯୀଶୁଙ୍କ ମୁଖ୍ୟକାର୍ଯ୍ୟ ଶିକ୍ଷା ଦେବା । ସେ ଆପଣା ଶିକ୍ଷା ଦ୍ୱାରା ସୁସମାଚାର ବ୍ୟାପ୍ତି କଲେ । ସେ ଜନସମୂହଙ୍କୁ ଅନେକ ବିଷୟ ଶିକ୍ଷା ଦେଉଥିଲେ । ସେ ଏକ ସୁସମାଚାରର ପରିଚାରକ, ଏକ ସୁସ୍ଥତାକାରୀ ଏବଂ ଆଶ୍ଚର୍ଯ୍ୟ କର୍ମକାରୀ । ସେ ଏକ ମହାନ ପ୍ରଚାରକ । ବାଇବଲ ସୂକ୍ଷ୍ମ ଭାବେ ବିଶ୍ଳେଷଣ କଲେ, ତାହାଙ୍କ ଶିକ୍ଷକତ୍ୱର ନିପୁଣତା ଜାଣିପାରିବା ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ସମାଜ ମନ୍ଦିରରେ, ଯିରୂଶାଲମର ମନ୍ଦିରରେ ଓ ପ୍ରାଙ୍ଗଣମାନଙ୍କରେ ଶିକ୍ଷା ଦେବା ବାକ୍ୟରେ ପଢ଼ିଥାଉ । ସୁସମାଚାରର ପୁସ୍ତକମାନଙ୍କରେ ତାହାଙ୍କ ବୟାଳିଶି ଥର, ଏକ ଶିକ୍ଷକ ରୂପେ ବର୍ଣ୍ଣନା କରାଯାଇଅଛି । ସତଚାଳିଶି ଥର ସେ ଶିକ୍ଷା ଦେବା ସୁସମାଚାର ଲିଖିତ ହୋଇଅଛି । ତାହାଙ୍କୁ ଲୋକେ ଅନେକ ଭାବେ ସମ୍ବୋଧନ କରୁଥିଲେ । ପ୍ରତି ପଦବୀରେ ସେ ସମ୍ମତ ନ ଥିଲେ, କିନ୍ତୁ ଗୁରୁ ବା ଶିକ୍ଷକ ରୂପେ ସେ ନାସ୍ତି ନ କରୁ ନ ଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ବିରୁଦ୍ଧୀମାନେ, ତାହାଙ୍କୁ ଏକ ଉତ୍ତମ ଶିକ୍ଷକ ରୂପେ ପରିଗଣିତ କରୁଥିଲେ । ଫାରୁଶୀ ଓ ସାଦ୍ଦୁକୀମାନେ ତାହାଙ୍କୁ ରାବ୍‌ବୀ ବା ଗୁରୁ (ଶିକ୍ଷକ) ବୋଲି ସମ୍ବୋଧନ କରୁଥିଲେ ।

ତାହାଙ୍କ ସହଚର ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ଏକ ମହାନ୍ ଶିକ୍ଷକ ରୂପେ ମାନୁଥିଲେ । ଶିଷ୍ୟର ଅର୍ଥ ଯେ ଶିକ୍ଷା ଗ୍ରହଣ କରେ । ତାହାଙ୍କ ଶିଷ୍ୟମାନେ ତାହାଙ୍କୁ କେବଳ ଏକ ମହାନ ଶିକ୍ଷକ ସଙ୍ଗେ ସଙ୍ଗେ ଏକ ମହାନ ଧାର୍ମିକ ନେତା ରୂପେ ସ୍ୱୀକାର କରୁଥିଲେ । ସେମାନଙ୍କ ଦୃଷ୍ଟିରେ ଯୀଶୁଖ୍ରୀଷ୍ଟଙ୍କ ଜୀବନ ଏକ ସ୍ୱଚ୍ଛ ଜୀବନ ଥିଲା । ଶିଷ୍ୟମାନଙ୍କ ସଫଳତା ଗୁରୁଙ୍କର ଦକ୍ଷତା ପ୍ରମାଣ କରେ । ଏହି ଦୃଷ୍ଟିକୋଣରୁ ତାହାଙ୍କ ଶିଷ୍ୟମାନଙ୍କ ଜୀବନ, ଯୀଶୁଖ୍ରୀଷ୍ଟଙ୍କୁ ଶ୍ରେଷ୍ଠତମ ଶିକ୍ଷକ ରୂପେ ପ୍ରମାଣିତ କରେ ।

ଶତାବ୍ଦୀ ଧରି ଲୋକେ ତାହାଙ୍କ ଶିକ୍ଷାରେ ପ୍ରଭାବିତ ହୋଇଅଛନ୍ତି । ଅଣ ଖ୍ରୀଷ୍ଟିୟାନମାନେ ମଧ୍ୟ ତାହାଙ୍କୁ ଏକ ମହାନ ଓ ଜ୍ଞାନୀ ଶିକ୍ଷକ ରୂପେ ସ୍ୱୀକାର କରନ୍ତି । ତାହାଙ୍କ ବ୍ୟତୀତ ଆଉ ଏକ ଆଦର୍ଶ ବ୍ୟକ୍ତି ଏହି ଜଗତରେ ନାହାନ୍ତି ।

❋❋❋

**- Tom Kelton**

## ଏଲିଙ୍କ ପୁତ୍ରଗଣ

**( Eli's Sons )**

ଇଶ୍ରାଏଲର ଚତୁର୍ଦ୍ଦଶ ବିଚାରକର୍ତ୍ତା, ଏକ ଜାତୀୟ ନେତା ଥିଲେ କିନ୍ତୁ ତାହାଙ୍କ ପୁତ୍ରମାନେ ଅଧାର୍ମିକ ଓ ଦୁଷ୍ଟ ଥିଲେ । ସେମାନଙ୍କ ପଥଭ୍ରଷ୍ଟତା ଓ ସେମାନଙ୍କ ପ୍ରତି ସଦାପ୍ରଭୁଙ୍କ ଅଭିଶାପ ବିଷୟରେ ଆମ୍ଭେମାନେ ୧ମ ଶାମୂୟେଲ ୨:୨୨-୩୬ ପଦରେ ପଢ଼ିପାରୁ ।

ଶେଷରେ ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, ''ଯେହେତୁ ଯେଉଁ ଅପରାଧ ବିଷୟ ସେ ଜ୍ଞାତ ହେଲା, ତହିଁ ନିମନ୍ତେ ଆମ୍ଭେ ତାହାର ବଂଶକୁ ସର୍ବଦା ଦଣ୍ଡ ଦେବା ବୋଲି ତାହାକୁ କହିଅଛୁ, ତାହାର ପୁତ୍ରମାନେ ଆପଣାକୁ ଶାପଗ୍ରସ୍ତ କଲେ ହେଁ ସେ ସେମାନଙ୍କୁ ଦମନ କଲା ନାହିଁ ।'' (୧ମ ଶାମୂୟେଲ ୩:୧୩)

ପିତାମାତାମାନେ ଆପଣା ସନ୍ତାନସନ୍ତତିମାନଙ୍କୁ ସଦାପ୍ରଭୁଙ୍କ ମାର୍ଗ ଶିଖାଅ । ନଚେତ୍ ସେମାନେ ଅଧାର୍ମିକ ଓ ଦୁଷ୍ଟତା ମାର୍ଗରେ ଚାଲିବେ । ବାଲ୍ୟକାଳରୁ ଶୟତାନ ଚତୁରତା ବିଷୟରେ ସତର୍କ କରାଅ ।

ଅନେକ ପିତାମାତାମାନେ ଆପଣା ସନ୍ତାନସନ୍ତତି ଠାରୁ ଦୂରେଇ ଯିବା ଭୟରେ ସେମାନଙ୍କୁ ଶିକ୍ଷା ଦିଅନ୍ତି ନାହିଁ । କିନ୍ତୁ ଅତି ସ୍ନେହ ଆଦରରେ ବଢ଼ିବା ସନ୍ତାନସନ୍ତତିମାନଙ୍କ ଜୀବନ ସେତେ ସହଜ ନ ଥାଏ । ପ୍ରଶିକ୍ଷଣ ନ ଥିଲେ ଜୀବନ କଷ୍ଟକର । ଅନେକ ବାଳକବାଳିକାମାନେ ସୁସ୍ଥିର ରହିବା ପାଇଁ, ଭଦ୍ର ଭାବେ ବ୍ୟବହାର କରିବା ପାଇଁ, କିଅବା କଥା ମାନ୍ୟ କରିବା ପାଇଁ ସୁଶିକ୍ଷିତ ନୁହନ୍ତି । ସେମାନଙ୍କ ଭାବି ଜୀବନ ସମସ୍ୟାପୂର୍ଣ୍ଣ ହେବ ।

ଏବ୍ରୀ ପୁସ୍ତକକର୍ତ୍ତା ଯେଉଁମାନେ ଆମ୍ଭଙ୍କୁ ପ୍ରେମ କରନ୍ତି, ସେମାନେ ଆମ୍ଭମାନଙ୍କୁ ଶାସନ କରନ୍ତି ବୋଲି ୧୨:୪-୧୩ ପଦରେ ବର୍ଣ୍ଣନା କରନ୍ତି । ବିଦ୍ୟାର୍ଥୀମାନଙ୍କୁ ଯେଉଁମାନେ ଉତ୍ତମ ପ୍ରଶିକ୍ଷଣ ଦେଇ ଶାସନ କରନ୍ତି, ସେମାନେ ଉତ୍ତମ ଶିକ୍ଷକ ନୁହନ୍ତି, ସେମାନେ ଛାତ୍ରମାନଙ୍କ ସହ ଖେଳାଳୀ କିଅବା ମିତ୍ର ନୁହନ୍ତି, କିନ୍ତୁ ଉତ୍ତମ ଜୀବନଶୈଳୀ, ଭଦ୍ର ଆଚର ବ୍ୟବହାର ଶିଖାନ୍ତି ।

ବିଶୃଙ୍ଖଳ ସନ୍ତାନସନ୍ତତିମାନଙ୍କୁ ପିତାମାତାମାନେ ଭୟ କରନ୍ତି । କିନ୍ତୁ ସେମାନଙ୍କ ଜୀବନ ଭୟଙ୍କର ହୋଇଉଠେ, ସେମାନଙ୍କୁ ସଦାପ୍ରଭୁ କହିବେ, ''...ତାହାର ପୁତ୍ରମାନେ ଆପଣାମାନଙ୍କୁ ଶାପଗ୍ରସ୍ତ କଲେ ହେଁ, ସେ ସେମାନଙ୍କୁ ଦମନ କଲା ନାହିଁ ।'' (୧ମ ଶାମୂୟେଲ ୩:୧୩)

❋❋❋

- Owen Cosgrove

# ସ୍ୱର୍ଗକୁ ଯିବା ବିଷୟରେ...
## ( On going to Heaven )

ଜଣେ ବ୍ୟକ୍ତି ଜାଗତିକ ଭାବେ ପ୍ରସିଦ୍ଧି ପ୍ରାପ୍ତ ନ ହେଲେ ଧନସମ୍ପଦ ଅର୍ଜ୍ଜନ ନ କଲେ କିଅବା ସମାଜରେ ଖ୍ୟାତି ନ ପାଇଲେ ମଧ୍ୟ ସ୍ୱର୍ଗକୁ ଯାଇ ପାରେ । କାରଣ ବାକ୍ୟ କହେ,''ଯାହା ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇ ନାହିଁ ।'' (ପ୍ରେରିତ ୪:୧୨) । ସେ ନିଜେ କହନ୍ତି, ''ମୁଁ ଦ୍ୱାର, ଯଦି କେହି ମୋ ଦେଇ ପ୍ରବେଶ କରେ, ତାହା ହେଲେ ସେ ରକ୍ଷା ପାଇବ ....'' (ଯୋହନ ୧୦:୯)

ତାହାଙ୍କ ଜନ୍ମ ପୂର୍ବେ, ତାହାଙ୍କ ବିଷୟରେ ଗାବ୍ରୀୟେଲ ଦୂତ କହିଥିଲେ,''...ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।'' (ମାଥିଉ ୧:୨୧) । ଏହି କାରଣ ଯୋଗୁଁ ସେ ଏହି ଜଗତରେ ଅବତରଣ କରିଥିଲେ । ସେ କହିଲେ,''କାରଣ ଯାହା ହଜି ଯାଇଛି, ତାହା ଖୋଜି ରକ୍ଷା କରିବାକୁ ମନୁଷ୍ୟ ପୁତ୍ର ଆସିଅଛନ୍ତି । (ଲୂକ ୧୯:୧୦)

ଯାହାଙ୍କ ଠାର ପାପର ଲେଶ ମାତ୍ର ନ ଥିଲା, ତାହାଙ୍କୁ ପିତା ପରମେଶ୍ୱର ପାପ ସ୍ୱରୂପ କହିଲେ, ଆମ୍ଭମାନଙ୍କ ପାପ ନିମନ୍ତେ ସେ ଆପଣାକୁ ବଳି ଦେଲେ । (୨ କରିନ୍ଥୀ ୫:୨୧) । ''ସେହି ଖ୍ରୀଷ୍ଟ ଯୀଶୁ ଆମ୍ଭମାନଙ୍କୁ ସମସ୍ତ ଅଧର୍ମରୁ ମୁକ୍ତ କରିବାକୁ ଓ ଆପଣା ନିମନ୍ତେ ଉତ୍ତମତାରେ ଉଦ୍‌ଯୋଗୀ ନିଜସ୍ୱ ଲୋକ ସ୍ୱରୂପେ ଶୁଦ୍ଧ କରିବାକୁ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ଦେଲେ ।'' (ତିତ ୨:୧୪) । ପ୍ରେରିତ ପାଉଲ ଗାଲାତୀୟ ମଣ୍ଡଳୀକୁ ଲେଖନ୍ତି,''ସେ ଆମ୍ଭମାନଙ୍କ ପିତା ଈଶ୍ୱରଙ୍କ ଇଚ୍ଛାନୁସାରେ ବର୍ତ୍ତମାନ ଜଗତରୁ ଆମ୍ଭମାନଙ୍କୁ ଉଦ୍ଧାର କରିବା ପାଇଁ ଆମ୍ଭମାନଙ୍କ ନିମନ୍ତେ ଆପଣାକୁ ପ୍ରଦାନ କଲେ ।'' (ଗାଲାତୀ ୧:୪) । ସେ ପାପ ଦୂର କରିବା ନିମନ୍ତେ ''ଆପଣାକୁ ବଳି ରୂପେ ଉତ୍ସର୍ଗ'' କଲେ । (ଏବ୍ରୀ ୯:୨୬) ''ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟଯୀଶୁ ଯେ ଜଗତରେ ହେଲେ, ଏହି ବାକ୍ୟ ବିଶ୍ୱାସ ଓ ସର୍ବତୋଭାବେ ଗ୍ରହଣଯୋଗ୍ୟ....'' (୧ମ ତୀମଥି ୧:୧୫) ।

ଆମ୍ଭେମାନେ ଅତି ଆସକ୍ତ ସହ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁଯୀଶୁଙ୍କ ଆଗମନର ଅପେକ୍ଷାରେ ଅଛୁ । (ଫିଲିପ ୩:୨୦) । ସେ ଆମ୍ଭମାନଙ୍କୁ ତାହାଙ୍କ ସହ ଘେନିଯିବେ ଏବଂ ଆମ୍ଭେମାନେ ସଦାକାଳ ପର୍ଯ୍ୟନ୍ତ ତାହାଙ୍କ ସହ ରହିବୁ । (ଯୋହନ ୧୪:୩)

❃ ❃ ❃

- **Maxie B. Boren**

# ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ

## ( For the joy of it )

ଏବ୍ରୀ ପୁସ୍ତକକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଏବ୍ରୀ ୧୨:୨ ର [illegible] ଲେଖନ୍ତି, ''ସେ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ଅପମାନ ତୁଚ୍ଛ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗ କଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।''

ଏହି ବାକ୍ୟରେ ଆନନ୍ଦର ଶକ୍ତି ବର୍ଣ୍ଣନା କରେ । ଯୀଶୁଖ୍ରୀଷ୍ଟ ମାନବ ଜାତିର ପାପ ଓ କ୍ରୁଶୀୟ ମୃତ୍ୟୁର ଅପମାନ ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ତୁଚ୍ଛ କଲେ । ଆନନ୍ଦର ଜାତ ଶକ୍ତି ଦ୍ୱାରା ମନୁଷ୍ୟ ଅନେକ କାର୍ଯ୍ୟ ସାଧନ କରେ ।

କିନ୍ତୁ ତାହାଙ୍କ ସମ୍ମୁଖସ୍ଥ ଆନନ୍ଦ କଅଣ ? ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଖ୍ରୀଷ୍ଟ ଆପଣା କାର୍ଯ୍ୟ ସମାପ୍ତ କରି ପିତା ପରମେଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି । ସେ ପିତା ପରମେଶ୍ୱରଙ୍କ ଇଚ୍ଛା ପାଳନ କରିବା ନିମନ୍ତେ ଏହି ଜଗତରେ ଅବତରଣ କରିଥିଲେ । (ଯୋହନ ୬:୩୮) । ହଜିଯାଇଥିବା ଆତ୍ମାମାନଙ୍କୁ ଖୋଜି ରକ୍ଷା କରିବା, ତାହାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । (ଲୂକ ୧୯:୧୦) । ତାହାଙ୍କ ଉଦ୍ଦେଶ୍ୟ ସଫଳ ହିଁ ମହୋନ୍ନତ କାରଣ ଓ ଆନନ୍ଦର ବିଷୟ ।

ଆମ୍ଭମାନଙ୍କ ଆନନ୍ଦର ବିଷୟ କଅଣ ? ଆମ୍ଭେମାନେ କି ପିତା ଈଶ୍ୱରଙ୍କ ଇଚ୍ଛା ପାଳନ କରୁଅଛୁ ? ହଜିଯାଉଥିବା ଆତ୍ମା ପ୍ରଭୁଙ୍କ ନିକଟକୁ ଫେରାଇ ଆଣିବାରେ କି ଆମ୍ଭମାନଙ୍କ ଆନନ୍ଦର ବିଷୟ । ଆମ୍ଭେମାନେ କି ଆନନ୍ଦରେ ତାହାଙ୍କ ଉପାସନା କରୁଅଛୁ ? ଅନ୍ୟମାନଙ୍କୁ ସାହାଯ୍ୟ କରିବାରେ କି ଆମ୍ଭେ ଆନନ୍ଦିତ ଅଟୁ ?

ଆମ୍ଭେମାନେ ଆଶା କରିବା ଠାରୁ ଅଧିକ ଭାବେ ଅନେକ ବିଷୟ ସାଧିତ କରି ପାରିବା । ବିଜୟୀ ହେବା ପର୍ଯ୍ୟନ୍ତ ଧୈର୍ଯ୍ୟ ସହ ଅପେକ୍ଷା କରୁ । ଆମ୍ଭମାନଙ୍କ ସ୍ୱଅଭିଳାଷ ନିମନ୍ତେ କାର୍ଯ୍ୟ ନ କରି ''ସମ୍ମୁଖସ୍ଥ ଆନନ୍ଦ'' ନିମନ୍ତେ ସଚେଷ୍ଟା କରୁ । ଯୀଶୁଙ୍କୁ ଯେଉଁ ଯେଉଁ ବିଷୟ ଆନନ୍ଦିତ କରେ, ସେହି ବିଷୟରେ ନିମଗ୍ନ ରହୁ ।

❋ ❋ ❋

**- Bill Mctarland**

# ଈଶ୍ୱରଙ୍କ ବାକ୍ୟ
## ( God's Word )

''କିନ୍ତୁ ଯୀଶୁ ଉତ୍ତର ଦେଲେ, ଲେଖାଅଛି, ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।'' (ମାଥିଉ ୪:୪) । ଯୀଶୁ ପ୍ରାନ୍ତରରେ ଶୟତାନ ଦ୍ୱାରା ପରୀକ୍ଷିତ ହେବା ସମୟରେ, ତାହାର ଶକ୍ତି ବିରୁଦ୍ଧରେ ଈଶ୍ୱରଙ୍କ ବାକ୍ୟ ଅସ୍ତ୍ର ରୂପେ ବ୍ୟବହାର କରିଥିଲେ । ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଶୟତାନର ପରୀକ୍ଷାର ସମ୍ମୁଖୀନ ହେଲା ପରି, ଆମ୍ଭେମାନେ ମଧ୍ୟ ଦିନ ପ୍ରତିଦିନ ମନ୍ଦ ଶକ୍ତିର ସମ୍ମୁଖୀନ ହୋଇଥାଉ । ଶୟତାନର ସମସ୍ତ ଚାତୁରୀ ବିରୁଦ୍ଧରେ ଜୟୀ ହେବା ପାଇଁ, ଆମ୍ଭମାନଙ୍କୁ ଯୀଶୁଙ୍କୁ ଅନୁସରଣ କରିବା ଆବଶ୍ୟକ । ଜାଗତିକ ବିଷୟରେ ଆସକ୍ତ, ଜୀବନ ପ୍ରକୃତ ଜୀବନ ନୁହେଁ, ଆମ୍ଭେମାନେ କେବଳ ରୋଟୀରେ ବଞ୍ଚୁନାହୁଁ । ଆମ୍ଭମାନଙ୍କ ଆବଶ୍ୟକତା ଅନ୍ୟ କିଛି ଅଛି ।

ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ଆବଶ୍ୟକ ଜ୍ଞାତ ଅଟନ୍ତି ଓ ସେ ପୂରଣ କରନ୍ତି । ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଧାର୍ମିକତା ଅନ୍ୱେଷଣ କରୁ, ସେ ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ପୂରଣ କରିବେ । ତାହାଙ୍କ ରାଜ୍ୟ ଓ ଧାର୍ମିକତା କିପରି ଅନ୍ୱେଷଣ କରିବା ? ଜାଗତିକ ଜୀବନ, ଜାଗତିକ ଅଭିଳାଷ ଅନିତ୍ୟ, କିନ୍ତୁ ଈଶ୍ୱରଙ୍କ ବାକ୍ୟ ଅନନ୍ତକାଳସ୍ଥାୟୀ ।

ସଦାପ୍ରଭୁଙ୍କ ବାକ୍ୟ ବାଇବଲରେ ଲିଖିତ ହୋଇଅଛି, ବାକ୍ୟ ପାଳନରେ ଅନନ୍ତଜୀବନ ପ୍ରାପ୍ତ ହୋଇପାରିବା । ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କୁ ବିଶ୍ୱାସରେ ସବଳ କରେ । ଆଜ୍ଞାବହତା ଶିଖାଏ । ଆମ୍ଭମାନଙ୍କ ଚରିତ୍ର ଶୁଦ୍ଧ କରେ ଓ ଭରସା ସୁଦୃଢ଼ କରେ ।

ଈଶ୍ୱରଙ୍କ ଠାରେ, ତାହାଙ୍କ ବାକ୍ୟରେ ଭରସା ରଖୁ ସମ୍ପୂର୍ଣ୍ଣ ଜୀବନଯାପନ କରିବାରୁ ଶକ୍ତି ଆମ୍ଭେମାନେ ତାହାଙ୍କ ବାକ୍ୟରୁ ପାଇପାରୁ ।

❋❋❋

- Greg Tidwell

# ବଳବାନ ଠାରୁ ମିଷ୍ଟତା ନିର୍ଗତ ହେଲା
## ( Out of the string came the Sweet )

ସରୀୟ ନିବାସୀ ଦାନଗୋଷ୍ଠୀର ଏକ ବ୍ୟକ୍ତି ଥିଲେ, ତାହାଙ୍କ ନାମ ମାନୋହ । ତାହାଙ୍କ ଭାର୍ଯ୍ୟା ବନ୍ଧ୍ୟା ଥିଲେ ଓ ଏକ ସନ୍ତାନ ନିମନ୍ତେ ତାହାଙ୍କ ଆନ୍ତରିକ ଆଶା ଥିଲା । ସଦାପ୍ରଭୁଙ୍କ ଏକ ଦୂତ ତାହାଙ୍କୁ ଦର୍ଶନ ଦେଇ, ସେ ଏକ ପୁତ୍ର ପ୍ରସବ କରିବେ ବୋଲି ଏକ ଶୁଭବାର୍ତ୍ତା ଜଣାଇଲେ । ପୁତ୍ର, ଗର୍ଭରୁ ନାସରୀୟ ହେବେ, ତାହାଙ୍କ ମସ୍ତକରେ କ୍ଷୁର ଲାଗିବ ନାହିଁ । ଦ୍ରାକ୍ଷାରସ କିଅବା ମଦ୍ୟପାନ ନିଷେଧ କଲେ ଓ କୌଣସି ଅଶୁଚି ଦ୍ରବ୍ୟ (ବିଶେଷ କରି ମୃତ ପଶୁ) ସ୍ପର୍ଶ ନ କରିବା ପାଇଁ କିଅବା ନ ଖାଇବା ପାଇଁ ଆଜ୍ଞା ଦେଲେ । ଏହି ନିୟମ ଏତେ କଠିନ ଥିଲା ଯେ, ଗର୍ଭରେ ଶିଶୁ ଥିବା ପର୍ଯ୍ୟନ୍ତ ମାତା ମଧ୍ୟ ଦ୍ରାକ୍ଷାରସ କି ମଦ୍ୟପାନ କିଅବା ଅଶୁଚି ଦ୍ରବ୍ୟ ସ୍ପର୍ଶ କରିବାକୁ କିଅବା ଭୋଜନ କରିବାକୁ ନିଷେଧିତ ଥିଲେ । ଶିଶୁ ବଢ଼ି ଶାମ୍‌ଶୋନ ରୂପେ ପରିଚିତ ହେଲେ । ସେ ସଦାପ୍ରଭୁଙ୍କ ଦ୍ୱାରା ପରିପାଳିତ ହୋଇ, ଇଶ୍ରାଏଲମାନଙ୍କୁ ପଲେଷ୍ଟୀୟମାନଙ୍କ ହସ୍ତରୁ ରକ୍ଷା କରିବା ନିମନ୍ତେ ମନୋନୀତ ବ୍ୟକ୍ତି ଥିଲେ । (ବିଚାରକର୍ତ୍ତା ୧୩:୧-୧୪) । କିନ୍ତୁ ନିଷେଧିତ ବସ୍ତୁଗୁଡ଼ିକ ତାହାଙ୍କ ନିମନ୍ତେ କଣ୍ଟକମୟ ଥିଲା ।

ଶାମ୍‌ଶୋନ ତିମ୍ନାକୁ ଯାଇ, ସେଠାରେ ଏକ ପଲେଷ୍ଟୀୟ କନ୍ୟା ଦେଖିଲା । ସେ ଆପଣା ପିତାମାତାଙ୍କୁ ସେ କନ୍ୟା ସହ ତାହାଙ୍କ ବିବାହ କରିବା ନିମନ୍ତେ ବଳାଇଥିଲେ । ସେମାନେ ତିମ୍ନାକୁ ଯାତ୍ରା କରିବା ସମୟରେ ଏକ ଯୁବା ସିଂହ ତାହାଙ୍କୁ ହାବୁଡ଼ି ଗର୍ଜନ କଲା । ତହୁଁ ସେ ସଦାପ୍ରଭୁଙ୍କ ଆତ୍ମାଙ୍କ ସାହାଯ୍ୟରେ ଏକ ଛେଳିଛୁଆକୁ ବିଦୀର୍ଣ୍ଣ କଲା ପରି ସିଂହକୁ ବିଦୀର୍ଣ୍ଣ କଲା । ସେମାନେ ତିମ୍ନାରୁ ଆପଣା ଗୃହକୁ ଫେରି ଆସିବା ପଥରେ, ସିଂହର ଶବ ଦେଖିବାକୁ ବାଟ ଭୁଲିଯାନ୍ତେ, ସିଂହ ଦେହରେ ମହୁମାଛିର ଝାଙ୍କ ଓ ମହୁ ଦେଖିବାକୁ ପାଇଲା । ସେ ତାହା କିଛି ହାତରେ ନେଇ ଖାଇ, ଆପଣା ପିତାମାତାଙ୍କୁ ଦିଅନ୍ତେ, ସେମାନେ ଖାଇଲେ । କିନ୍ତୁ ସେ ମହୁ ଯେ, ସିଂହ

ଶବରୁ ନେଲା, ତାହା ପିତାମାତାଙ୍କୁ ଜଣାଇଲା ନାହିଁ । ସେ ସେଠାରେ ଥିବା ଯୁବାମାନଙ୍କୁ ଏକ ପ୍ରହେଳିକା କହିଲେ । ଯେ ତାହାର ଉତ୍ତର ସାତଦିନ ଭିତରେ କହିବ, ସେ ତାହାଙ୍କୁ ତିରିଶ ମସିନା ବସ୍ତ୍ର ଓ ତିରିଶ ସାଜ ପୋଷାକ ଦେବ ବୋଲି ପ୍ରତିଜ୍ଞା କଲେ । ପ୍ରହେଳିକା ଥିଲା, ''ଖାଦକ ଠାରୁ ଖାଦ୍ୟ ବଳବାନ ଠାରୁ ମିଷ୍ଟତା ନିର୍ଗତ ହେଲା ।'' (ବିଚାରକର୍ତ୍ତା ୧୪:୧୪-୨୦)

ମୃତ ସିଂହର କଳେବର ସ୍ପର୍ଶ କରି ଶାମ୍‌ଶୋନ ନାସରୀୟ ବ୍ରତ ଲଂଘନ କରିଥିଲେ । ମୃତ ସିଂହ ଦେହରୁ ମଧୁ ଖାଇବା ଦ୍ୱାରା ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରି ପାପ କଲେ । ବେଳେବେଳେ ସୁମଧୁର ବିଷୟ କଷ୍ଟ, ତିକ୍ତତା ଆଣେ । ପ୍ରେରିତ ପାଉଲ ଥେସଲନୀକୀ ମଣ୍ଡଳୀକୁ ଲେଖିଲେ, ''ସମସ୍ତ ପ୍ରକାର ମନ୍ଦ ଠାରୁ ପୃଥକ୍ ହୋଇଥାଅ ।'' (୧ମ ଥେସଲନୀକୀ ୫:୨୨) । ଯାକୁବ ଲେଖନ୍ତି, ''.....ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ଗର୍ଭଧାରଣ କରି ପାପ ପ୍ରସବ କରେ, ପୁଣି ପାପ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇ ମୃତ୍ୟୁକୁ ଜନ୍ମ ଦିଏ ।'' (ଯାକୁବ ୧:୧୪-୧୫) । ପ୍ରଥମେ ପାପ ସୁମଧୁର ଲାଗେ । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖିଲେ, ''ଅତଏବ ପାପ ତୁମ୍ଭମାନଙ୍କ ମର୍ତ୍ତ୍ୟ ଶରୀରରେ ରାଜତ୍ୱ ନ କରୁ, ତାହା କଲେ, ତୁମ୍ଭେମାନେ ସେଥିରେ କୁଅଭିଳାଷର ବଶବର୍ତ୍ତୀ ହେବ । (ରୋମୀୟ ୬:୧୨) । ତତ୍ପର ପଦ କହେ, ''କିମ୍ବା ଆପଣା ଆପଣା ଅଙ୍ଗପ୍ରତ୍ୟଙ୍ଗକୁ ଅଧାର୍ମିକତାର ଅସ୍ତ୍ରଶସ୍ତ୍ର ରୂପେ ପାପ ନିକଟରେ ସମର୍ପଣ କର ନାହିଁ, କିନ୍ତୁ ମୃତମାନଙ୍କ ମଧ୍ୟରୁ ଜୀବିତ ହେଲା ପରି ଆପଣା ଆପଣାକୁ ଈଶ୍ୱରଙ୍କ ନିକଟରେ ସମର୍ପଣ କର । କାରଣ ପାପ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବ ନାହିଁ....'' (ରୋମୀୟ ୬:୧୨-୧୪) । ପାପର ପରିଣାମ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ସହଭାଗିତା ଦ୍ୱାରା ଅନନ୍ତଜୀବନ । ଶୟତାନ ସର୍ବଦା ଈଶ୍ୱରଙ୍କ ସନ୍ତାନମାନଙ୍କୁ ପ୍ରଲୋଭିତ କରୁଥାଏ । ''ସଚେତନ ହୋଇ ଜାଗ୍ରତ ହୋଇ ରୁହ । ତୁମ୍ଭମାନଙ୍କୁ ବିପକ୍ଷ ଶୟତାନ ସିଂହ ପ୍ରାୟ ଗର୍ଜ୍ଜନ କରି କାହାକୁ ଗ୍ରାସିବ, ଏହା ଖୋଜି ବୁଲୁଅଛି ।'' (୧ମ ପିତର ୫:୮) । ଶୟତାନ ଦ୍ୱାରା ପ୍ରଲୋଭିତ ନ ହେବା ନିମନ୍ତେ କିପରି ଭାବେ ଆମେ ସଚେତନ ହୋଇ ରହୁଅଛୁ ?

କରିନ୍ଥୀୟମାନେ ଅବିଶ୍ୱାସୀମାନଙ୍କ ସହ ଅସମାନ ରୂପେ ଯୋଚା ଯାଇଥିବାରୁ, ଆତ୍ମିକତାରେ ପତନ ଘଟିଥିଲା । (୧ କରିନ୍ଥୀ ୬:୧୪) । ପ୍ରେରିତ ପାଉଲ ସେମାନଙ୍କୁ ଦେଇଥିବା ଉପଦେଶ ଆଜିର ସମାଜକୁ ମଧ୍ୟ ଉପକାରୀ ଯାହା କହେ, "...ତୁମ୍ଭେମାନେ ସେମାନଙ୍କ ମଧ୍ୟରୁ ବାହାରି ଆସ, ଆଉ ପୃଥକ ହୁଅ, ଆଉ ଅଶୁଚି ପଦାର୍ଥ ସ୍ପର୍ଶ କର ନାହିଁ, ପୁଣି ଆମ୍ଭେ ତୁମ୍ଭମାନଙ୍କୁ ଗ୍ରହଣ କରିବା । (୧୭ତମ ପଦ) । ଶାମ୍ଶୋନ୍, ସଦାପ୍ରଭୁଙ୍କ ଆଜ୍ଞାପାଳନ କରି, 'ଅଶୁଚି ପଦାର୍ଥ', ସ୍ପର୍ଶ କରି ନଥିଲେ, ପତିତ ହୋଇ ନଥାନ୍ତେ । ତାହାଙ୍କ ଜନ୍ମ, ପରିଚର୍ଯ୍ୟା, ଜୀବନର ଉଦ୍ଦେଶ୍ୟ ସମସ୍ତ ସଦାପ୍ରଭୁଙ୍କ ଦାନ ଥିଲା । ତାହାଙ୍କ ସମସ୍ତ ଦାନ ବଦଳେ ସେ ଏକ ଶୁଦ୍ଧ ପବିତ୍ର ଜୀବନ ଓ ଶୁଦ୍ଧ, ପବିତ୍ର ପରିଚର୍ଯ୍ୟା ଆଶା କରନ୍ତି । ବର୍ତ୍ତମାନ ସୁଦ୍ଧା ସେ ପ୍ରତ୍ୟେକ ମନୁଷ୍ୟ ଶୁଦ୍ଧ ଓ ପବିତ୍ର ଜୀବନଯାପନ ଇଚ୍ଛା କରନ୍ତି । ପ୍ରେରିତ ପିତରଙ୍କ ଭାଷାରେ ଖ୍ରୀଷ୍ଟିୟାନମାନେ, "...ଏକ ମନୋନୀତ ବଂଶ ରାଜକୀୟ ଯାଜକବର୍ଗ, ପବିତ୍ର ଜାତି ପୁଣି ଇଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।" (୧ ପିତର ୨:୮) । ପରମେଶ୍ୱରଙ୍କ ବାକ୍ୟ ରୂପ ସତ୍ୟତାର ଆଜ୍ଞାବହ ହୋଇ ରହି ପବିତ୍ର ଜୀବନଯାପନ କରିପାରିବା । (ଯୋହନ ୧୭:୧୭)

ଆଜିର ଜଗତ ପାପର ତିକ୍ତତାକୁ କୃତ୍ରିମ ଭାବେ ମଧୁର କରି ଉପସ୍ଥାପନ କରେ । ଏହାର ମଧୁରତା କ୍ଷଣସ୍ଥାୟୀ, କିନ୍ତୁ ପ୍ରତିଫଳ ଅନନ୍ତକାଳସ୍ଥାୟୀ । ଜ୍ଞାନୀ ଶଲୋମନ କହନ୍ତି, "ମନୁଷ୍ୟର ଦୃଷ୍ଟିରେ କୌଣସି ପଥ ସରଳ ଦେଖାଯାଏ, ମାତ୍ର ତାହାର ଶେଷରେ ମୃତ୍ୟୁର ପଥ ଥାଏ ।" (ହିତ ୧୪:୧୨) । ଆମ୍ଭେମାନେ ବାକ୍ୟ ଧ୍ୟାନ କରୁ ଓ ପ୍ରତ୍ୟେକ ଆତ୍ମା ପରୀକ୍ଷା କର । (୨ୟ ତୀମଥି ୨:୧୫ ଓ ୧ମ ଯୋହନ ୪:୧) ତଦ୍ୱାରା ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ପରମେଶ୍ୱରଙ୍କ ସହିତ ଯେଉଁ ନିୟମ ଦ୍ୱାରା ଯୋଡ଼ିତ ହୋଇଅଛୁ, ସେଥିରୁ ବିମୁଖ ନ ହେଉ । (କଲସୀ ୨:୧୦-୧୩)

❋ ❋ ❋

**- Michael L King**

**II. Why the wolves ?**

A. Christ was using the imagery of wolves to describe the murderous nature of the people in the world.

B. Wolves are known to hunt for their prey in packs.

1. A typical numbers of wolves in a wolf pack according to research posted by California wolf center are between 2 to 36.

2. Imagine these 36 wolves saw 12 sheep coming towards the sheep.

3. Operating in a pack means there are more wolves looking for prey.

a. Paul warned the Ephesian brethren that, "For I know this, that after my departing shall grievous wolves enter in among you, not sparing the flock" (Acts 20:29).

b. Nevertheless they did enter into the flock that Paul so tirelessly worked to get to gether, we read of such Judiazers in many epistles that Paul worte.

4. Those who study the wolves say that "the wolves stay out of sight until they are ready to attack".

a. Jesus warned of such people, "Beware of false prophets, which come to you in sheep's clothing, but inwardly they are ravening wolves." (Matt. 7:16).

**III. why the serpent ?**

A. There are about 36 references in the Bible about serpent only one gives a positive adjective to describe the serpent.

1. It is described as subtil (Gen. 3:1; 2Cor. 11:3), crooked serpent (Job 26:3)

2. The Psalmist notes that it is poisonous (Psa. 58:4). and fiery (Isa 14:29)

3. The writer of Ecclesiastes says,"Surely the serpent will bite without enchantment." (Eccl. 10:11).

1. Christ said, "be ye therefore wise as serpents?"

a. Please be mindful that Christ was not contradicting the scriptures nor telling us to be as crooked and poisonous as described in other parts of the scriptures.

b. The Greek word Christ used was (Phronimos) it means "to be discreet (implying a cautious character)".

2. Christ was using the slimily of a snake to describe its defensive techniques of rather than attacking nature of a snake.

a. The early Christians were scattered when they were persecuted (Acts 8:4). And only Apostle stayed in Jerusalem.

a. Nevertheless in both the cases the word of God was spread.

3. Some use camouflage to escape from their attackers.

a. Paul used this technique to escape from those that were looking to hurt him.

b. Paul gave such warning when he was cornered and was to be scourged, "And as they bound him with thongs, Paul said unto the centurion that stood by, Is it lawful for you to scourge a man that is a Roman, and uncondemned?" (Acts 22:25ff).

4. Persecution awaits us, 'all who live godly in Christ Jesus shall suffer persecution." (2 Tim 3:12).

**IV. Why the dove ?**

A. In many cultures the dove is generally thought to be a symbol of peace, innocence, gentleness, and affection

1. The doves adapt well to life behind walls.

2. Some people build habitats for doves and they are not caged yet the doves come back each evening.
3. They are not harmful.

B. Christ preached the message of peace.

1. "The word which God sent unto the Children of Israel, preaching peace by Jesus Christ" (Acts 10:36).
2. Christ was using the similie to demonstrate that His disciple are to be pure without evil intentions.

**V. Application to our lives as preachers.**

A. Remember that we are His sheep.

1. We are entrusted the greatest of commissions (Matt. 28:18-20).

B. It is a vicious world out there that wants to devours the Christians every day.

C. We need to have worldly wisdom in order to defeat the devil and spread the gospel.

D. We need to be Watchful of the things that are happening around us.

1. It can come a time that we Christians may need to flee from a certain area.
2. It may also be a time when Christians may need to take a stand.

E. We ought to be pure and harmless to take the gospel to the lost and dying world.

1. We ought to have a godly character as well..
2. In the words of James, "But the wisdom that is from above is first pure, then peaceable, gentle, and easy to be intreated, full of mercy and good fruits, without partiality, and without hypocrisy". (Jas. 3:17).

-Ronnie Gootam

***Printed Book Only***

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)